text of the time



# ଗାନ୍ଧୀଙ୍କ ସହ କପେ କଫି



ଶୈଳେନ୍ଦ୍ର ଦ୍ୱିବେଦୀ

EVENTS

# ଈଶ୍ୱରଙ୍କ ଦାରୁ

ପ୍ରଫେସର ଅବିନାଶ ସହିତ ଦେଖାହୋଇଥିଲା ଗତ ରବିବାର ଦିନ ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡରେ । ସେଦିନ ଆମ ଆଲୋଚନା ପ୍ରସଙ୍ଗ ଥିଲା ନବକଳେବର ଏବଂ ସେଥିନେଇ ରାଜ୍ୟର ବାତାବରଣ । କହିଲି, "ଅବିନାଶ, ଆଜିଠୁ ଦାରୁ ଖୋଜା ଆରମ୍ଭ । ବନଯାଗ ଯାତ୍ରୀ ଦଳଦଳ ହୋଇ ବାହାରି ଯାଇଛନ୍ତି । ମା' ମଙ୍ଗଳାଙ୍କ ଆଜ୍ଞା/ନିର୍ଦ୍ଦେଶ ମିଳିସାରିଛି । ଖବରକାଗଜରେ ପଢ଼ିଥିଲି ଯେ ବନଯାଗ ଯାତ୍ରାର ଷଷ୍ଠ ଦିନରେ ମଙ୍ଗଳାଙ୍କ ଆଜ୍ଞାମାଳ ନେଇ ସେମାନେ ଦେଉଳି ମଠକୁ ଲେଉଟି ଆସିଥିଲେ । ଶନିବାର ଚନ୍ଦ୍ର ଗ୍ରହଣ ଥିବାରୁ ବନଯାଗ ପ୍ରକରଣ ସ୍ଥଗିତ ରହିଥିଲା ।" ଅବିନାଶ କିଛି ଉତ୍ତର ଦେଇନଥିଲା । ମୁଁ ପୁଣି କହିଲି, "ଷଷ୍ଠ ଦିବସରେ (ବନଯାଗ ଯାତ୍ରାର) ମା' ମଙ୍ଗଳାଙ୍କ ସେବାୟତମାନେ ବିଶାଳ ପଟୁଆରରେ ଦେଉଳି ମଠ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ୩ କିଲୋମିଟର ରାସ୍ତା । ଖରାର ତାତି ବଢୁଥିଲା । ଖାଲିପାଦରେ ଚାଲିଥିଲେ ସେବକ । ଜୟ ମା' ମଙ୍ଗଳାରେ କମ୍ପୁଥିଲା ଶକ୍ତିକ୍ଷେତ୍ର କାକଟପୁର । ଦେଉଳି ମଠ(ଶବରପଲ୍ଲୀ)ରେ ପହଞ୍ଚିଥିଲା ଆଜ୍ଞାମାଳ । ଅଧେ ଦଇତାପତି ଶ୍ରୀସୁଦର୍ଶନଙ୍କୁ ଧରି ମଙ୍ଗଳାଙ୍କ ଅଭିମୁଖେ ବାହାରି ପଡ଼ିଲେ । ପରେ ପରେ ଅନ୍ୟମାନେ । କଂକ୍ରିଟ୍ ରାସ୍ତା ଜଳୁଥାଏ । ଖରାକୁ କାହାର ଖାତିର ନଥାଏ । ନାମ ସଂକୀର୍ତ୍ତନ, ଘଣ୍ଟଘଣ୍ଟା ଏବଂ କାହାଳୀର ପଟୁଆର ଚାଲିଥାଏ ।" ମୁଁ ଖୁବ୍ ଆଗ୍ରହର ସହିତ ଏମିତି ଧାରାବିବରଣୀ ଶୁଣାଇ ଚାଲିଥିବାବେଳେ ହଠାତ୍ ଅଟକେଇଲା ଅବିନାଶ ।

କହିଲା, "ଖବରକାଗଜରେ ଲୋକେ ସାପକୁ ନେଇ ଭାବବିହ୍ୱଳ ହେବାର ଖବର ପଢ଼ିଛୁ ?" ମୁଁ ମୁଣ୍ଡ ହଲେଇବାରୁ ସେ କହିଲା, "ପ୍ରକାଶିତ ଖବର

ଅନୁଯାୟୀ ଦଇତାପତିଙ୍କୁ ନିମନ୍ତ୍ରଣ ଦେବା ପାଇଁ ମଙ୍ଗଳା ମନ୍ଦିର ପକ୍ଷରୁ ଦେଉଳି ମଠ ଅଭିମୁଖେ ଯେତେବେଳେ ପଟୁଆର ଯାଉଥିଲା, ଏକ ନାଗ ସାପର ଅକସ୍ମାତ୍ ଆବିର୍ଭାବ କୁଆଡ଼େ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । ରାସ୍ତାକଡ଼ ବିଲରେ ଟାଣ ଖରା ସତ୍ତ୍ୱେ ନାଗସାପଟି ଫଣା ଟେକି ଠିଆ ହୋଇଥିବାର ଦୃଶ୍ୟ ଦେଖିବା ପାଇଁ ଭିଡ଼ ଲାଗିଗଲା । ଶ୍ରଦ୍ଧାଳୁମାନେ କୁଆଡ଼େ କହିଲେ ଯେ, ପଟୁଆରକୁ ବାଟ କଢ଼େଇନେବା ପାଇଁ ଖୋଦ୍ ଅନନ୍ତଙ୍କ ଆବିର୍ଭାବ ଘଟିଛି । ଲୋକେ ହରିବୋଲ-ହୁଳହୁଳି ଦେଇ ସାପକୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ପରେ ଅବଶ୍ୟ ପୁଲିସ୍ ଏବଂ ଦମକଳ ବାହିନୀ ପହଞ୍ଚି ଲୋକଙ୍କୁ ଘଉଡ଼େଇଲେ । ସାପ ତହୁଁ ଅନ୍ତର୍ଦ୍ଧାନ ହୋଇଗଲା ।" ମୁଁ କହିଲି, "ନବକଳେବର ଶେଷପର୍ଯ୍ୟନ୍ତ ଏବେ ସବୁଦିନ ଏମିତି ଅଲୌକିକ ଘଟଣାମାନ ଘଟିବ । ଗତ ନବକଳେବର (୧୯୯୬) ସମୟରେ ମଧ୍ୟ ଏମିତି ଘଟିଥିଲା । ସବୁ ଚକାଡ଼ୋଳାର ଲୀଳା । ତା'ପରେ କହିଲି, କେବଳ ପୁରୀରେ ନୁହେଁ, ଅନ୍ୟତ୍ର ମଧ୍ୟ ନବକଳେବର ହେଉଛି । ପିପିଲି ଅଞ୍ଚଳର ଆରାଧ୍ୟଦେବତା ଶ୍ରୀପତିତପାବନଙ୍କ ଦାରୁ ଚିହ୍ନଟ ପରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ କରାଯାଇ ପାଞ୍ଚଜଣ ବିଶ୍ୱକର୍ମାଙ୍କ ସହାୟତାରେ ଦାରୁ ଛେଦନ ଆରମ୍ଭ ହୋଇଥିଲା । ତେବେ ଦୀର୍ଘ ୮ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ଗଛ ତଳେ ପଡ଼ିନଥିଲା । ସେବାୟତମାନେ ଚିନ୍ତିତ ହୋଇପଡ଼ିଲେ । ଜଣେ ଦଇତା କୁଆଡ଼େ ପିପିଲି ସ୍ଥିତ ମା' ଦୁଲ୍ଲାଦେବୀ ଠାକୁରାଣୀଙ୍କୁ ମାଜଣା କରି ଆଜ୍ଞାମାଳ ଆଣିଥିଲେ । ସେ ମହାଶୟ ଗଛରେ ଏହାକୁ ଛୁଆଁଇବା ମାତ୍ରେ ଅଚାନକ ଆକାଶରେ କଳାମେଘ ଘୋଟି ଆସିଲା । ହଠାତ୍ ଦଲକାଏ ପବନରେ ଗଛଟି ଭାଙ୍ଗିପଡ଼ି ମାଟି ଛୁଇଁଥିଲା । ତହୁଁ ଶ୍ରଦ୍ଧାଳୁଙ୍କ ହରିବୋଲି ହୁଳହୁଳି ଧ୍ୱନିରେ ଫାଟିପଡ଼ିଲା ସମଗ୍ର ଅଞ୍ଚଳ । ଏହା ପ୍ରଭୁଙ୍କ ଲୀଳା ଏବଂ ଏସବୁ ଓଡ଼ିଶା ପରି ପୁଣ୍ୟବନ୍ତ ରାଜ୍ୟରେ ହିଁ ସମ୍ଭବ । ପୁଣ୍ୟଭୂମି ଉତ୍କଳରେ ଭକ୍ତଙ୍କ ସଂଖ୍ୟା ସର୍ବାଧିକ । ଦାରୁ ସନ୍ଧାନ କେମିତି ନିର୍ବିଘ୍ନରେ ହେଉ, ସେଥିପାଇଁ ସ୍ୱପ୍ନାବତୀ ମନ୍ତ୍ର ଜପକରି ବନଯାତ୍ରୀମାନେ ନିସ୍ତାର ସହିତ କେମିତି ଅଛନ୍ତି ? ଟିଭି ଚ୍ୟାନେଲମାନେ ଏହି ଯାତ୍ରାର ଧାରାବିବରଣୀ କେମିତି ପ୍ରସାରଣ କରୁଛନ୍ତି ? ସମାନ ଉଦ୍ଦୀପନା ଏବଂ ଭାବାବେଗରେ ବାନ୍ଧି ହୋଇଛନ୍ତି ଉତ୍କଳର ଜନତା ! କିଏ ମାନସିକ ରଖିଛି, କିଏ ହବିଷ କରୁଛି, କିଏ ଅଖଣ୍ଡ ଦୀପ ଜାଳୁଛି ତ କିଏ ଭକ୍ତିବିଭୋର ହୋଇ ଟିଭି କ୍ୟାମେରା ଆଗରେ ଭୋ-ଭୋ କାନ୍ଦି ଉଠୁଛି ! ସବୁ

କେମିତି ଭଲରେ ହୋଇଯାଉ । ଭକ୍ତସମାଜ, ପ୍ରଶାସନ ସମସ୍ତେ ଚଳଚଞ୍ଚଳ । ପୁରୀରେ ଘନଘନ ବୈଠକ ବସୁଛି । ରାଜ୍ୟର ଚାରିଆଡ଼େ ଏକ ଅପୂର୍ବ ଆଧ୍ୟାତ୍ମିକ ପରିବେଶ । ଏହା ଭିତରେ ଶ୍ରୀମନ୍ଦିର ପ୍ରଶାସନ ସୂଚନା ଦେଇଛି ଯେ, ଏପ୍ରିଲ ପ୍ରଥମ ସପ୍ତାହ ମଧ୍ୟରେ ପ୍ରଭୁ ସୁଦର୍ଶନଙ୍କ ଦାରୁ ମିଳିଯିବ ।"

ଅବିନାଶ କହିଲା, "ଖବରକାଗଜରେ ନିକଟରେ ଏକଥା ବି ବାହାରିଛି ଯେ, ରାଜ୍ୟର ଗ୍ରାମାଞ୍ଚଳରେ ଆଜି ବି ରକ୍ଷଣଶୀଳବାଦୀମାନେ କଠୋର ଜାତିପ୍ରଥା ଅବ୍ୟାହତ ରଖିଛନ୍ତି । ନିର୍ଦ୍ଦିଷ୍ଟ ଘଟଣାଟି ଘଟିଛି ବୌଦ୍ଧ ଜିଲ୍ଲାରେ । ଦଳିତ ଘରେ ଖାଦ୍ୟ ଖାଇବାରୁ (ଥରେ ମାତ୍ର) ଜଣେ ବୃଦ୍ଧଙ୍କୁ ଆପଣା ପରିବାର ଏବଂ ସମାଜରୁ ବାସନ୍ଦ ହେବାକୁ ପଡ଼ିଥିଲା । ଅସହାୟ ଅବସ୍ଥାରେ ଘରପିଣ୍ଡାରେ ପଡ଼ି ସେ ଛଟପଟ ହେଉଥିଲେ ହେଁ କେହି ଆହା କହିବାକୁ ଆସିଲେ ନାହିଁ । ଶେଷରେ ଉପଯୁକ୍ତ ସେବାଯତ୍ନ ଅଭାବରୁ ତାଙ୍କର ମୃତ୍ୟୁ ଘଟିଲା ସରକାରୀ ଡାକ୍ତରଖାନାରେ । ବୃଦ୍ଧଙ୍କ ନାମ ଲକ୍ଷ୍ମଣ ବଗର୍ତ୍ତି । ଜିଲ୍ଲା ପ୍ରଶାସନ ଦୁଇଦିନ ଅପେକ୍ଷା କରିବା ପରେ ବାଧ୍ୟହୋଇ ଶବ ସତ୍କାର ବ୍ୟବସ୍ଥା କରିଥିଲେ ।" ଅବିନାଶ ନୀରବ ରହିଲା କିଛି ସମୟ । ମୁଁ କହିଲି, "ଆମ ସରକାର ଗରିବର ବାପା-ମାଆ । ଦେଖନ୍ତୁ, ଆହାର ଯୋଜନାରେ ପାଞ୍ଚଟଙ୍କିଆ ଭାତ-ଡାଲମା ଖାବା ପାଇଁ କେମିତି ଲମ୍ବା ଭିଡ଼ ଲାଗୁଛି !" ଅବିନାଶ ମୋ ଆଡ଼କୁ ନଚାହିଁ କହିଲା, "ମଝିରେ ମଝିରେ ସରକାରୀ କର୍ମଚାରୀମାନେ ଦୂରରେ ଗାଡ଼ି ପାର୍କିଂ କରି ଭାତ-ଡାଲମା ଟେଷ୍ଟ କରିବା ପାଇଁ ଆସୁଛନ୍ତି ।" ଅବିନାଶ କଥାକୁ ଅଲଗା ଆଡ଼କୁ ନେଉଛି ବୋଲି ସ୍ପଷ୍ଟ ହୋଇସାରିଥିଲା । ତେଣୁ ମୁଁ ପୁଣି ମୂଳ ପ୍ରସଙ୍ଗକୁ ଫେରିବା ପାଇଁ ଚେଷ୍ଟା କରି କହିଲି, "ଦାରୁ ଚିହ୍ନଟ ପରେ ଗଛମୂଳେ ନାନା ବିଧି ସମ୍ପନ୍ନ ହେବ । ମା' ଆଲାମଚଣ୍ଡୀ ମନ୍ଦିର (ପୁରୀ) ସାମ୍ନାରେ ରହିଛି ଏକ ପ୍ରାଚୀନ ପୁଷ୍କରିଣୀ । ଦାରୁ ଆଣି ଫେରିବାବେଳେ ଶଗଡ଼ ସହ ବନଯାଗ ଯାତ୍ରୀ ସେଇଠି ବିଶ୍ରାମ ନେବେ ଏବଂ ନିତ୍ୟକର୍ମ ସାରିବେ । ଏବେ ପୋଖରୀ ପ୍ରାୟ ଶୁଖିଲା । ପ୍ରଶାସନର ଚିନ୍ତା, କେମିତି ଏହାର ତୁରନ୍ତ ପୁନରୁଦ୍ଧାର ହେବ ଏବଂ ପାଣି ଭର୍ତ୍ତି କରାଯିବ ।" ଅବିନାଶ କହିଲା, "ନିକଟରେ ବନଯାଗ ଦଳରେ ୩ଜଣ ଛଦ୍ମବେଶୀଙ୍କୁ ଠାବ କରାଯାଇଥିଲା ।"

କହିଲି, "୧୯୯୬ ନବକଳେବର ସମୟରେ ବନଯାଗ ଦଳ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ବିଶ୍ରାମ କରୁଥିଲେ । ହଠାତ୍ ଆରମ୍ଭ ହେଲା ପ୍ରବଳ

ବର୍ଷା । ଶ୍ରୀସୁଦର୍ଶନ ଗୋଟିଏ ଜାଗାରେ ରହିଯାଇଥିବାରୁ ସେଇ ଘଡ଼ଘଡ଼ି ଓ ବର୍ଷାକୁ ଭ୍ରୂକ୍ଷେପ ନକରି ଦଇତାପତିମାନେ ସୁଦର୍ଶନଙ୍କୁ ଜଗି ରହିଥିଲେ ଗଛ ମୂଳରେ ।" ଅବିନାଶ ତଥାପି ଉତ୍ସାହିତ ମନେ ହେଉନଥିଲା । କହିଲି, "ଏଥର ରାମଚଣ୍ଡୀରୁ କୋଣାର୍କ ଅଭିମୁଖେ ଯାତ୍ରା କରୁଥିବାବେଳେ ଏକ ହନୁମାଙ୍କଡ଼ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ଯିବା ଚର୍ଚ୍ଚାର ବିଷୟ ପାଲଟିଛି । ମାଙ୍କଡ଼ଟି କୁଆଡ଼େ ରାସ୍ତା କଡ଼େକଡ଼େ ବାଟ କଢ଼େଇବା ଭଙ୍ଗୀରେ ଯାଇଥିଲା । ସେ ଅନ୍ୟ କୁଆଡ଼େ ନଚାହିଁ କେବଳ ଶ୍ରୀସୁଦର୍ଶନଙ୍କୁ ଦେଖୁଥିଲା । ମାଙ୍କଡ଼ ବେଶରେ ଶ୍ରୀହନୁମାନ ଶ୍ରୀସୁଦର୍ଶନଙ୍କ ରକ୍ଷା ଲାଗି ସ୍ୱୟଂ ବିଜେ କରିଥିଲେ ବୋଲି ଶ୍ରଦ୍ଧାଳୁମାନେ ଆଲୋଚନା କରୁଛନ୍ତି । ଈଶ୍ୱର ପ୍ରତ୍ୟକ୍ଷ ଏବଂ ଓଡ଼ିଶାର ବାତାବରଣରେ ବିଶେଷ ଭାବରେ ପ୍ରତ୍ୟକ୍ଷ । ଏବେ ଚାରିଆଡ଼େ ବେଦପାଠ, ମନ୍ତ୍ର ଉଚ୍ଚାରଣ, ଭଜନକୀର୍ତ୍ତନ ଏବଂ ବ୍ରତ ଉପବାସ । ଆଧ୍ୟାତ୍ମିକତାର ଏଇ ଅପୂର୍ବ ଉଦାହରଣ ଅନ୍ୟତ୍ର ବିରଳ । ସାରା ଓଡ଼ିଶାରେ ଉଣାଅଧିକେ ଏଇ ଅବସ୍ଥା ।"

ଅବିନାଶ କହିଲା, "ନିକଟରେ ପ୍ରକାଶିତ ଏକ ଖବର ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାରେ ଏକ ଆଦିବାସୀ ପରିବାରକୁ ଗ୍ରାମବାସୀ ନିଆଁ-ପାଣି ବାରଣ କରିଛନ୍ତି । ଏହି ପରିବାରର ଜଣେ ମହିଳାଙ୍କୁ ମାରାତ୍ମକ ରୋଗ ହୋଇଛି ବୋଲି ଦର୍ଶାଇ ଏଭଳି ଦଣ୍ଡବିଧାନ କରିଛି ସମାଜ । ପରିବାରର ପିଲାମାନେ ପାଠପଢ଼ାରୁ ବଞ୍ଚିତ ହୋଇ ଘର ଭିତରେ ବନ୍ଦୀଜୀବନ ବିତାଉଛନ୍ତି । ପ୍ରକାଶ ପାଇଛି ଯେ, ମହିଳାଙ୍କୁ ମାରାତ୍ମକ ରୋଗ ହୋଇଥିବା ସନ୍ଦେହ କରାଯାଇ ଜୋରିମାନା ଦେବା ପାଇଁ ଅସମର୍ଥ ଥିଲେ । ପରିଣତି ହେଲା ଏକଘରିଆ ।" ମତେ ଏଥର ଖବର ଲାଗିଲା । ଅବିନାଶ କହିଚାଲିଥାଏ, "ଜମି-ଜମା ବିବାଦକୁ କେନ୍ଦ୍ରକରି ଘଟଗାଁ ଅଞ୍ଚଳରେ ଭାଇ ମୁଣ୍ଡ କାଟିଦେଇଛି ଭଉଣୀର । ମାଲକାନଗିରିରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ଅଭିଯୋଗରେ ପାଞ୍ଚଜଣଙ୍କୁ ଗିରଫ କରିଛି ପୁଲିସ୍ । ଯେଉଁମାନଙ୍କ ଭିତରେ ବାଳିକାର ସମ୍ପର୍କୀୟ ମଧ୍ୟ ଅଛନ୍ତି ।" ମୁଁ କହିଲି, "ଶ୍ରୀକ୍ଷେତ୍ରର ବିକାଶ ପାଇଁ କେନ୍ଦ୍ର ସରକାର ୫୦ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏଥିରେ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଛନ୍ତି । ଯାହା ଅନୁମାନ, ୫୦ ଲକ୍ଷ ସରିକି ଶ୍ରଦ୍ଧାଳୁ ଆସିବେ ଦିଅଁଙ୍କୁ ଦେଖିବା ପାଇଁ ।" ଚଟାପଟ ଅବିନାଶ କହିଲା, "ରାଜ୍ୟର ଆର୍ଥିକ ସ୍ଥିତି ସଙ୍ଗୀନ । ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଆକଳନ ମୁତାବକ, ୨୦୧୯-


୨୦ ସୁଦ୍ଧା ରାଜ୍ୟର ଋଣବୋଝ ୧ଲକ୍ଷ ୪୨ହଜାର କୋଟିକୁ ଛୁଇଁବ । ଅର୍ଥାତ୍, ମୁଣ୍ଡପିଛା ଋଣବୋଝ ପହଞ୍ଚିବ ୩୩ହଜାର ଟଙ୍କାରେ ।" ଅବିନାଶ ଉପରେ ଏଥର ମୁଁ ବିରକ୍ତ ହେଲି । ମୋ ସହିତ ତା' କଥାର କୌଣସି ତାଳମେଳ ରହୁନଥିଲା । ମୁଁ କହିବା ପାଇଁ ଚେଷ୍ଟା କରୁଥିଲି ଯେ ଓଡ଼ିଶା ଏକ ନିଆରା ରାଜ୍ୟ-ଯେଉଁଠି କଳା, ସଂସ୍କୃତି ସହିତ ତାଳଦେଇ ଗଣଜୀବନରେ ଆଧ୍ୟାତ୍ମିକତା ବିକଶିତ । ଏ ନିଆରାପଣ ହିଁ ଉତ୍କଳୀୟ ସ୍ୱାତନ୍ତ୍ୟ ଏବଂ ଏଥିପାଇଁ ଆମେ ଗର୍ବ ଅନୁଭବ ଅବଶ୍ୟ କରିବା । ୧୯ ବର୍ଷ ପରେ ନବକଳେବର ଆମର ସେଇ ନିଆରାପଣଙ୍କୁ ପୁନଃପ୍ରତିଷ୍ଠିତ କରୁଛି । ଈଶ୍ୱରଙ୍କ ବିଗ୍ରହ ବଦଳିବେ । ବ୍ରହ୍ମ ହେବେ ପୁନଃସଂସ୍ଥାପିତ । ପରଂବ୍ରହ୍ମଙ୍କ ଅପାର ଲୀଳା ।

ଅବିନାଶ ହସିଲା । କହିଲା "ଈଶ୍ୱରବିଶ୍ୱାସ ଏକ ବ୍ୟକ୍ତିଗତ ପ୍ରସଙ୍ଗ । ଜଗନ୍ନାଥ ତାଙ୍କ ଲୀଳା ହୁଏତ କରୁଥାଇପାରନ୍ତି, ସେ ଲୀଳା ଅଲୌକିକ ବି ହୋଇପାରେ, ତେବେ ଆମ ଉତ୍କଳବାସୀ କ'ଣ ପ୍ରକୃତରେ ସେଥିରେ ବିଭୋର ? ଶ୍ରୀଜଗନ୍ନାଥଙ୍କ ସାମାନ୍ୟତମ ବିଭୂତି କ'ଣ ଆମ ଗଣଚେତନାଙ୍କୁ ପ୍ରାପ୍ତ ? ସେମିତି ହେଲେ ପରିବର୍ତ୍ତନ ଲକ୍ଷଣୀୟ ହୁଅନ୍ତା । ୧୯୯୬ ପରେ ୨୦୧୫ରେ ନବକଳେବର ହୋଇଛି । ସେଇ ସମୟ ଭିତରେ ପୁଣ୍ୟଭୂଇଁ ଓଡ଼ିଶାରେ ଘଟିଥିବା ଅପରାଧର ସଂକ୍ଷିପ୍ତ ସମୀକ୍ଷା କରାଯାଉ । ୧୯୯୬ରେ ତମାମ ରାଜ୍ୟରେ ଘଟିଥିବା ଧର୍ତ୍ତବ୍ୟ ଅପରାଧର ସଂଖ୍ୟା ଥିଲା ୫୦,୬୧୯, ଯାହା ୨୦୧୨ ଶେଷ ସୁଦ୍ଧା ଭିତରେ ବୃଦ୍ଧି ପାଇଛି ବାର୍ଷିକ ୬୭,୯୫୭କୁ । ଅଭିବୃଦ୍ଧି ହାର ୩୪,୨୫% । ଏହା ବାଦ୍ ସ୍ଥାନୀୟ ଆଇନ ଅନୁଯାୟୀ ରୁଜୁ ହୋଇଛି ୧୬,୦୦୩ ଅପରାଧିକ ମାମଲା । ୪ବର୍ଷ ତଳେ ସଙ୍ଗୀନ ତଥା ହିଂସ୍ର ଅପରାଧ ମାମଲାରେ ଓଡ଼ିଶା, ଦିଲ୍ଲୀ ଏବଂ ବିହାରକୁ ଟପି ଯାଇଥିଲା । ନିକଟରେ ପ୍ରକାଶିତ ଶ୍ୱେତପତ୍ରରେ ସରକାର ସ୍ୱୀକାର କରିଛନ୍ତି ଯେ କେବଳ ୨୦୧୪ରେ ରାଜ୍ୟରେ ୯୩,୬୫୩ ଅପରାଧିକ ମାମଲା ରେକର୍ଡ଼ ହୋଇଛି, ଯାହା ୨୦୧୩ରେ ୯୦,୧୮୪ରେ ସୀମିତ ଥିଲା । ଧର୍ଷଣ ମାମଲା ବର୍ଷକ ଭିତରେ ବଢ଼ିଛି ୧୮୩୨ରୁ ୨୦୧୧କୁ । କେବଳ ଦୁଷ୍କର୍ମ ନୁହେଁ, ଯୌତୁକ ନିର୍ଯ୍ୟାତନା, ଅସଦାଚରଣ ଏବଂ ଶାରୀରିକ ଅତ୍ୟାଚାର ମାମଲା ମଧ୍ୟ ବଢ଼ିବାରେ ଲାଗିଛି । ଅବିନାଶ ପୁଣି କହିଲା, ରାଜ୍ୟରେ ମନ୍ଦିର ବଢୁଛି, ମଠ ବଢୁଛି, ଆଗ ଅପେକ୍ଷା ଅଧିକ ଚ୍ୟାନେଲରେ ପ୍ରବଚନ ଲାଇଭ୍ ସୋ' ଲୋକ ଦେଖୁଛନ୍ତି ।

ଶ୍ରୀଜଗନ୍ନାଥଙ୍କ ନବକଳେବର ଦେଖିବା ପାଇଁ ଆଶାତୀତ ଲୋକେ ହୁଏତ ଆସିପାରନ୍ତି । କିନ୍ତୁ ଏସବୁ ସହିତ ପ୍ରକୃତରେ ଭକ୍ତି ବା ଆଧ୍ୟାତ୍ମିକତାର ସୂକ୍ଷ୍ମ ସମ୍ପର୍କ ପ୍ରକୃତରେ କ'ଣ ? ଆପଣା ଧର୍ମ, ପରମ୍ପରା ଏବଂ ନିଜ ନିଜ ଈଶ୍ୱରଙ୍କ ନାଁରେ ମହୋତ୍ସବ ମନେଇବା ଅଲଗା କଥା, ଆଉ ନିଜ ଭିତରକୁ ନିରେଖି ଚାହିଁବା ଏବଂ ଆଧ୍ୟାତ୍ମିକତାର ଅନୁଭବ ପାଇବା ଅଲଗା କଥା । ପରମେଶ୍ୱରଙ୍କ ନାଁରେ ଏ କୋଳାହଳ ସାମାନ୍ୟ ବି ଅର୍ଥ ନାହିଁ ଯେଯାଏଁ ଶ୍ରୀଜଗନ୍ନାଥ ଆମ ଚେତନାରେ ଉତ୍ତରିତ ନହୋଇଛନ୍ତି । ଯେଉଁଠି ନାବାଳିକାମାନଙ୍କୁ ଧର୍ଷଣ କରି ପୋତି ଦିଆଯାଉଛି, ଯେଉଁଠି ପରମ୍ପରା ନାଁରେ ଜଣେ ନିଃସହାୟ ବୟସ୍କଙ୍କୁ ନିଜ ପରିବାର ଅଣଦେଖା କରୁଛି- ସେଠି ଦାରୁବ୍ରହ୍ମଙ୍କ ପ୍ରେମରେ ଗଦ୍‌ଗଦ ହୋଇ ଝାଞ୍ଜ ପିଟି ନାଚିବାର ଏବଂ ଗଳା ଫଟେଇ ପ୍ରବଚନ ଦେବାର ଅର୍ଥ କ'ଣ ? ଈଶ୍ୱରଙ୍କ ଦାରୁ ତ ନିଶ୍ଚୟ ଠାବ ହେବ, କିନ୍ତୁ ଏ ଜାତିର ପୁରୁଣା ଦାରୁ (ସମ୍ବେଦନହୀନତା, କୁସଂସ୍କାର, ଅନ୍ଧବିଶ୍ୱାସ ଏବଂ ନୃଶଂସତା) ଯେ ପରିବର୍ତ୍ତନକୁ ସାମ୍ନା କରିବ, ଏମିତି ଚିହ୍ନତ ଦେଖାଯାଉନାହିଁ ? ଅବିନାଶଙ୍କୁ ମୁଁ ଆଉ କିଛି ପଚାରିନଥିଲି ।

(ପ୍ରମେୟ: ୯/୪/୨୦୧୫)

❑



Events Publications.
4555 VSS Nagar,
Bhubaneswar- 751007

Non Fiction
Cover: Prakash Mohapatra

ISBN 978-908070-1-2
978-81-908070-1-2